| ଫସଲ | ଅବସ୍ଥା | ଫସଲ ଉପରେ ପ୍ରଭାବ | କୃଷି ଉପଦେଶ |
|---|---|---|---|
| ଧାନ | ବୁଣା/ତଳି ଅବସ୍ଥା | ▪ ତଳିଘରା ରେ ପାଣି ଜମିବାର ସମ୍ଭାବନା ରହିଛି।<br>▪ ମଞ୍ଜି ପାଣିରେ ଭାସି ଯାଇପାରେ।<br>▪ ପାଣିରେ ବୁଡ଼ି ରହିଲେ ବିହନ ସଢ଼ି ଯାଇପାରେ।<br>▪ ଗଜା ହେବା କିମ୍ବା ସଅଳ ବୃଦ୍ଧି ସମୟରେ ଫସଲ ନଷ୍ଟ ହେବାର ସମ୍ଭାବନା ରହିଛି। | ▪ ଜୀବନାଶକ ଓ ସାର ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ।<br>▪ ବିହନ ବୁଣି ନଥିଲେ ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।<br>▪ ତଳିଘରା ଓ ମୁଖ୍ୟଜମି ରୁ ବଳକା ପାଣିର ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ।<br>▪ ତଳିଘରା ରେ ପାଣି ଜମି ରହିବା ପରିସ୍ଥିତି କୁ ଦୂର କରନ୍ତୁ। |
| କପା/ହରଡ଼/ମକା/ଚିନାବାଦାମ | ବୁଣା/ଗଜା ବାହାରିବା ଅବସ୍ଥା | ▪ ପାଣିର ସ୍ରୋତ ଦ୍ୱାରା ମୃତ୍ତିକା କ୍ଷୟ ସହିତ ବିହନ ନଷ୍ଟ ହେବାର ସମ୍ଭାବନା ରହିଛି।<br>▪ ପାଣି ଜମିବା ଦ୍ୱାରା ବିହନ ଗଜା ବାହାରିବା ଓ ସଅଳ ବୃଦ୍ଧି ସମୟରେ ଫସଲ ନଷ୍ଟ ହେଇପାରେ। | ▪ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ଧ୍ୟାନ ଦିଅନ୍ତୁ ।<br>▪ ଜୀବନାଶକ ଓ ସାର ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ।<br>▪ ବିହନ ବୁଣି ନଥିଲେ ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। |
| ପନିପରିବା | ତଳିଘରା/ବୁଣା ଠାରୁ ଅମଳ ଅବସ୍ଥା | ▪ ଚାରା ସଢ଼ି ଯାଇ ନଷ୍ଟ ହେବାର ସମ୍ଭାବନା ରହିଛି।<br>▪ ତଳିଘରା ରୁ ମୃତ୍ତିକା କ୍ଷୟ ହେଇପାରେ।<br>▪ ପାଣିର ସ୍ରୋତ ଯୋଗୁ ଚାରା ମାଟିରୁ ଉପାଡ଼ି ହୋଇ ନଷ୍ଟ ହେଇଯାଇପରେ।<br>▪ ପାଣି ଜମି ରହିବା ଯୋଗୁଁ ଝାଉଂଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି ।<br>▪ ଗଛର ସଅଳ ବୃଦ୍ଧି ସମୟରେ ଭାରି ବର୍ଷା ଯୋଗୁ ଗଛ ତଳକୁ ନଇଁ ଯିବାର ସମ୍ଭାବନା ରହିଛି।<br>▪ ପାଣି ଜମିବା ଦ୍ୱାରା ବିହନ ଗଜା ବାହାରିବା ଓ ସଅଳ ବୃଦ୍ଧି ସମୟରେ ଫସଲ ନଷ୍ଟ ହେଇପାରେ। | ▪ ବିହନ ବୁଣି ନଥିଲେ ବର୍ଷା ଛାଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।<br>▪ ଅମଳ ଉପଯୋଗୀ ପନିପରିବା କୁ ଯଥା ଶୀଘ୍ର ଅମଳ କରି ଦିଅନ୍ତୁ ।<br>▪ ଟମାଟୋ, ଲଙ୍କା, ବାଇଗଣ ଆଦି ଚାରା କୁ ପଲିଥିନ (ଜରି) କିମ୍ବା ପ୍ଲାଷ୍ଟିକ ଦ୍ୱାରା ଆଛାଦାନ କରି ରଖନ୍ତୁ, ଯେପରିକି ଏହା ବର୍ଷା ଦ୍ୱାରା ପ୍ରଭାବିତ ହେବ ନାହି ।<br>▪ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁ କୁ ଖୋଲା ରଖନ୍ତୁ ।<br>▪ ଜଳସେଚନ, ଜୀବନାଶକ ଓ ସାର ର ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ।<br>▪ ଭାରି ବର୍ଷା କାରଣରୁ ନଇଁ ପଡ଼ିଥିବା ବା ଦୁର୍ବଳ ହେଇଯାଇଥିବା ଗଛ ଗୁଡ଼ିକୁ ବାଡ଼ି କିମ୍ବା ବାଉଁଶ ଦ୍ୱାରା ସ୍ଥିରତା ପ୍ରଦାନ କରନ୍ତୁ ।<br>▪ ବର୍ଷା ପରେ ପନିପରିବା ଫସଲରେ ଝାଉଂଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟାଲାକ୍ସଯଲ + ମାଙ୍କୋଜେବ୍ ଓ ୧୦ ଗ୍ରାମ ପ୍ଲାଣ୍ଟୋମାଇସିନ କୁ ମିଶାଇ ଗଛର ମୂଳରେ ସିଂଚନ କରନ୍ତୁ |
| ପଶୁପାଳନ | | ▪ ଗୁହାଳ ପ୍ରତି କ୍ଷତି<br>▪ ଖାଦ୍ୟ ର ଅଭାବ<br>▪ ଥଣ୍ଡା ଓ ଫ୍ଲୁ | ▪ ବର୍ଷା ପୂର୍ବରୁ ଗୁହଳକୁ ମରାମତି କରନ୍ତୁ ।<br>▪ ଜରୁରୀ କାଳୀନ ପରିସ୍ଥିତି ରେ ୩ ରୁ ୫ ଦିନ ପାଇଁ ଦାନା ସଂଗ୍ରହ କରି ରଖନ୍ତୁ ଏବଂ ପରିଷ୍କାର ପାନୀୟ ଜଳ ର ବ୍ୟବସ୍ଥା କରନ୍ତୁ ।<br>▪ ବର୍ଷା ରୁ ନଷ୍ଟ ନହେବା ପାଇଁ ଘାସ କୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।<br>▪ ପଶୁମାନଙ୍କୁ ଘର ଭିତରେ ରଖନ୍ତୁ । |